

## ୧୫ ଦିନ ମହଲତ

# ବନ୍ଧୁକ ନ ଫେରାଇଲେ ଲାଇସେନ୍ସ ବାତିଲ



- ରାଜଧାନୀରେ ୨୫୭ ଜଣ ନେଇଛନ୍ତି ବନ୍ଧୁକ ଲାଇସେନ୍ସ
- ଖୁବ୍‌ଶୀଘ୍ର ବନ୍ଧୁକ ଫେରାଇବାକୁ ଡିସିପିଙ୍କ ତାଗିଦ

ଭୁବନେଶ୍ୱର, ୧୫ ।୩(ସମିସ)

ଶନିବାର ନିର୍ବାଚନ ପାଇଁ ତାରିଖ ଘୋଷଣା ହେବ। ଏଥିସହ ରାଜ୍ୟ ନିର୍ବାଚନ ଆଚରଣ ବିଧି ମଧ ଲାଗୁ ହୋଇଯିବ। କିନ୍ତୁ ନିୟମ ଅନୁସାରେ ନିର୍ବାଚନ ପୂର୍ବରୁ ଲୋକେ ନେଇଥିବା ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ଦାଖଲ କରିବାକୁ କମିସନରେଟ୍ ପୁଲିସ ନୋଟିସ୍ କରିଥିଲା। ହେଲେ ପୁଲିସର ଏହି ନୋଟିସ୍ ଅନୁସାରେ ଅନେକ ବନ୍ଧୁକ ଦାଖଲ କରିନାହାନ୍ତି। ତେଣୁ ସେମାନଙ୍କୁ ପୁଲିସ ପକ୍ଷରୁ ଡେଟ୍‌ଲାଇନ୍ ଜାରି କରାଯାଇଛି। ସେମାନଙ୍କୁ ଆଉ ୧୫ ଦିନର ଗାଇଡ୍‌ଲାଇନ୍ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ନେଇଥିବା ଲାଇସେନ୍ସ ବନ୍ଧୁକକୁ ପୁଲିସ ନିକଟରେ ଦାଖଲ ନକରନ୍ତି ତେବେ ସେମାନଙ୍କ ଲାଇସେନ୍ସ ବାତିଲ୍ ହେବ ବୋଲି ପୁଲିସ କଡ଼ା ନିର୍ଦ୍ଦେଶ ଦେଇଛି। ତେଣୁ ଯେଉଁମାନେ ବନ୍ଧୁକ ଦାଖଲ କରିନାହାନ୍ତି ସେମାନଙ୍କ ତାଲିକା ତୁରନ୍ତ ଦେବାକୁ ଡିସିପି ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଥାନା ଅଧିକାରୀ ବନ୍ଧୁକ ଲାଇସେନ୍ସ ନେଇଥିବା ବ୍ୟକ୍ତିଙ୍କ ତାଲିକା କରିଛି। ଏଥିରୁ କେତେଜଣ ଦାଖଲ କରିଛନ୍ତି। ଆଉ କେତେ ଜଣ କରିନାହାନ୍ତି ସେମାନଙ୍କ ତାଲିକା କରାଯାଇଛି। ବନ୍ଧୁକ ଦାଖଲ କରିନଥିବା ବ୍ୟକ୍ତିଙ୍କୁ ଥାନା ପକ୍ଷରୁ ଚିଠି କରାଯାଇ ୧୫ ଦିନ ଭିତରେ ଦାଖଲ କରିବାକୁ କୁହାଯାଉଛି। ଡିସିପି ପ୍ରତୀକ ସିଂ କହିଛନ୍ତି ଯେ, ଖୁବ୍ ଶୀଘ୍ର ବନ୍ଧୁକ ଫେରାନ୍ତୁ। ନହେଲେ ପୁଲିସ ତାର ଆଇନ୍‌ଗତ ପଦେକ୍ଷପ ନେବ।

ଦୁଇଟି ବନ୍ଧୁକ ନେଇଥିବା ରାଇଫଲ୍ ଆସୋସିଏସନ୍ ଏବଂ କ୍ଲବ୍ ମଧ ଫେରାଇବାକୁ ବାଧ ହେବେ। ଆହୁରି ମଧ ଯେଉଁମାନଙ୍କର ଲାଇସେନ୍ସର ସମୟସୀମା ଶେଷ ହୋଇଯାଇଛି। ସେମାନେ ମଧ କୌଣସି ପ୍ରକାର ଥାନାରେ ବନ୍ଧୁକ ଦାଖଲ କରିବେ। ଅନେକ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇ ଦେଶ ବାହାରକୁ ପଳାଇଯାଇଛନ୍ତି। ସେମାନେ କୌଣସି ପ୍ରକାରରେ ବନ୍ଧୁକ ଲାଇସେନ୍ସର ନବୀକରଣ କରିନାହାନ୍ତି। ସେମାନେ ଫୋନ୍ କିମ୍ବା ଇ-ମେଲ୍ ମାଧ୍ୟମରେ ପୁଲିସକୁ ଅବଗତ କରିପାରିବେ। ନିର୍ବାଚନକୁ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିସନ ବନ୍ଧୁକ ଦାଖଲ କରିବାକୁ ପୁଲିସ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ତଥ୍ୟ ଆଧାରରେ, ଗତ ୬ ବର୍ଷରେ ରାଜଧାନୀରେ ୨୫୭ ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ୨୦୧୭ରେ ୧୨ଜଣ ନେଇଥିବା ବେଳେ ୨୦୧୮ରେ ୧୭ ଜଣ ଏବଂ ୨୦୧୯ରେ ୧୫ ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ୨୦୨୦ରେ ୩୫ ଜଣ ବନ୍ଧୁକ ଲାଇସେନ୍ସ ନେଇଥିବା ବେଳେ ୨୦୨୧ରେ ୪୦ଜଣ ନେଇଛନ୍ତି। ୨୦୨ରେ ୫୮ ଜଣ ଏବଂ ୨୦୨୩ରେ ସର୍ବାଧିକ ୮୦ ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ୯ଜଣ ନେଇଥିବା ବେଳେ ଏୟାରପୋର୍ଟ ଥାନା ଅଞ୍ଚଳରେ ୯ଜଣ, ବଡ଼ଗଡ଼ ଥାନା ଅଞ୍ଚଳରୁ ୧୬ଜଣ, ବାଲିଅନ୍ତା ୧୫ଜଣ, ବାଲିପାଟଣା ୧୩ଜଣ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ୨୦ଜଣ, କ୍ୟାପିଟାଲ ୧୬ଜଣ, ଚନ୍ଦକା ଏବଂ ଇନ୍‌ଫୋସିଟି ଥାନା ୧୪ଜଣ ଲେଖାଏ ନେଇଛନ୍ତି। ଜଟଣୀ ୧୦, ଖଣ୍ଡଗିରି ୨୪ ଜଣ, ଖାରବେଳନଗର ୯ଜଣ, ଲକ୍ଷ୍ମୀସାଗର ୧୨ଜଣ, ମଞ୍ଚେଶ୍ୱର ୧୮, ନୂଆପଲ୍ଲୀ ୨୫, ସହିନଗର ୧୮ ଜଣ ଏବଂ ଲିଙ୍ଗରାଜ ଥାନାର ୧୫ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି।

## 'ମୋ ବସ୍'ରୁ ପକେଟ୍‌ମାର ଗିରଫ



ଭୁବନେଶ୍ୱର, ୧୫।୩(ସମିସ): ମୋ ବସରୁ ପକେଟ୍ ମାର କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଶୁଭବନ ଛକରେ ରହୁଥିବା ଖୋର୍ଦ୍ଧା ଜରିପୁଟର ବସନ୍ତ ନାୟକ ଓରଫ୍ ସିଲୁ (୨୭)। ପୁଲିସ ସୂଚନା ଅନୁସାରେ, ଗତକାଲି ଭାଗୀରଥି ପ୍ରଧାନ ମୋ ବସରେ ଯାଉଥିବା ସମୟରେ ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ସିଲୁ ତାଙ୍କ ପକେଟ୍‌ରୁ ଗୋଟିଏ ପର୍ସ ଚୋରି କରି ନେଇଥିଲା। ତାଙ୍କର ପର୍ସ ଚୋରି ହୋଇଥିବା ଜାଣିପାରି ସେ ହୋହଲ୍ଲା କରିଥିଲେ। ବସରେ ଥିବା ଅନ୍ୟ ଯାତ୍ରୀ ସିଲୁକୁ କାବୁ କରି ପିସିଆର ସହାୟତାରେ କ୍ୟାପିଟାଲ ଥାନାରେ ଜିମା ଦେଇଥିଲେ। ଭାଗୀରଥି ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ସିଲୁକୁ ଗିରଫ କରିବା ସହ ଟଙ୍କା ଥିବା ଏକ ପର୍ସ ଜବତ କରିଥିଲା। ସିଲୁ ନାମରେ ପୂର୍ବରୁ ଶ୍ରୀଲିଙ୍ଗରାଜ ଥାନା ଓ କ୍ୟାପିଟାଲ ଥାନାରେ ୪ଟି ଛିନତାଇ ଓ ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ମୋବାଇଲ୍ ଫୋନ୍ ଲୁଟ୍; ଜଣେ ଗିରଫ



ଭୁବନେଶ୍ୱର, ୧୫।୩(ସମିସ): ଲୁଟ୍ ହୋଇଥିବା ମୋବାଇଲ ଫୋନ କିଣିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଞ୍ଚେଶ୍ୱର ଥାନା ସମେଇଗାଡ଼ିଆର ଅଶୋକ ପାତ୍ର (୫୨)। ପୁଲିସ ସୂଚନା ଅନୁସାରେ, ଗତ ଜାନୁୟାରୀ ମାସ ୧୬ ତାରିଖ ରାତି ପ୍ରାୟ ସାଢ଼େ ୯ ଟାରେ ମଳୟ ପଣ୍ଡା ଶ୍ରୀୟା ଛକ ନିକଟରେ ଥିବା ବିଇଡି କଲେଜ ରାସ୍ତା ଦେଇ ଅଫିସ୍‌ରୁ ଫେରୁଥିଲେ। ସେହି ସମୟରେ ଜଣେ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲା। ଏ ନେଇ ଖାରବେଳ ନଗର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶୁକ୍ରବାର ଅଶୋକକୁ ଗିରଫ କରିବା ସହିତ ତା' ଠାରୁ ମୋବାଇଲ ଫୋନ୍ ଜବତ କରି କୋର୍ଟ ଚାଲାଣ କରିଛି ପୁଲିସ। ସେ ମୋବାଇଲ ଫୋନ୍‌କୁ ୩ ହଜାର ଟଙ୍କାରେ ଜଣେ ଅଭିଯୁକ୍ତଙ୍କ ଠାରୁ କିଣିଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ଉଦ୍ୟମ ଚଳାଇଛି।

## ଦାଦା ବଟି ପାଇଁ ଦୋକାନୀଙ୍କୁ ଆକ୍ରମଣ; ଆଉ ଜଣେ ଗିରଫ



ଭୁବନେଶ୍ୱର, ୧୫।୩ (ସମିସ): ଦୋକାନୀଙ୍କୁ ଦାଦା ବଟି ମାଗି ଆକ୍ରମଣ କରିଥିବା ଅଭିଯୋଗରେ ଆଉ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୋତଣ୍ଡା ଭୋଇ ସାହିର ବାଙ୍ଗା ଓରଫ୍ ଦିବ୍ୟ ସାରଥୀ ବେହେରା (୨୨)। ପୁଲିସ ସୂଚନା ଅନୁସାରେ, ଗତମାସ ୧୪ ତାରିଖ ସନ୍ଧ୍ୟାରେ ଜଗନ୍ନାଥ କାଣ୍ଡି ବୋତଣ୍ଡାସ୍ଥିତ ତାଙ୍କ ଦୋକାନରେ ଥିବା ସମୟରେ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଭୋଇ, ବାଙ୍ଗା ଓ ସହଯୋଗୀ ସେଠାକୁ ଆସିଥିଲେ ଓ ଦୋକାନ ବାହାରେ ଝୁଲୁଥିବା କିଛି ହାଲୁକା ଖାଦ୍ୟ ପଦାର୍ଥକୁ ଖାଇଥିଲେ। ଜଗନ୍ନାଥ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଚନ୍ଦୁ ତାଙ୍କୁ ଦୋକାନ ଭିତରୁ ଟାଣିଆଣି ଗାଳି ଗୁଲଜ କରିବା ସହ ଆକ୍ରମଣ କରି ଦାଦା ବଟି ମାଗିଥିଲେ। ସେହି ସମୟରେ ବାଙ୍ଗା ମଧ ଜଗନ୍ନାଥଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଗତମାସ ୧୫ ତାରିଖ ଦିନ ଚନ୍ଦୁକୁ ଗିରଫ କରିଥିଲା। ଆଜି ବାଙ୍ଗାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁବତୀଙ୍କୁ ଦୁର୍ବ୍ୟବହାର; ଯୁବକ ଗିରଫ

- ନକଲି ବନ୍ଧୁକ ଜବତ

ଭୁବନେଶ୍ୱର, ୧୫।୩ (ସମିସ): ଯୁବତୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାପୁଜୀ ନଗରର ପପୁନ କୁମାର ସେଠୀ (୩୭)। ପୁଲିସ ସୂଚନା ଅନୁଯାୟୀ, ପପୁନ ହାଇଟେକ ଛକରେ ଏକ ଦୋକାନ କରିଛି। ନିକଟରେ ଥିବା ଆପାର୍ଟମେଣ୍ଟରେ ରହୁଥିବା ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରିଥିଲା। ଗତକାଲି ସେହି ଯୁବତୀ ଓ ତାଙ୍କ ସାନ ଭଉଣୀ ଯାଉଥିବା ବେଳେ ପପୁନ ତାଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲା। ସେମାନେ ବିରୋଧ କରିବାରୁ ନକଲି ବନ୍ଧୁକ ଦେଖାଇ ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ପପୁନକୁ ଗିରଫ କରି ତା ହେପାଜତରୁ ଏକ ନକଲି ବା ଲାଇଟର ବନ୍ଧୁକ ଜବତ କରିଥିଲା।

## ଗୋଟିଏ ରାତିରେ ୯ ଗାଡ଼ି ଭାଙ୍ଗିଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୧୫ ।୩(ସମିସ): କାର୍‌କୁ ଘର ବାହାରେ ରଖୁଛନ୍ତି ତ। ଯଦି ରଖୁଛନ୍ତି ତେବେ ହୁଅନ୍ତୁ ସାବାଧାନ। ସହରରେ ମାତିଛନ୍ତି ଗାଡି କାଚ ଭଙ୍ଗା ଗ୍ୟାଙ୍ଗ। ଗତକାଲି ମଞ୍ଚେଶ୍ୱର ଥାନା ଚକେଇସିଆଣୀ ଲକ୍ଷ୍ମୀ ନାରାୟଣ ମନ୍ଦିର ରାସ୍ତାରେ ଏହି ଗ୍ୟାଙ୍ଗ୍‌ର ଉତ୍ପାତ ଦେଖିବାକୁ ମିଳିଛି। ସେମାନେ ଅଧ ରାତିରେ ନିଶା ଖାଇ ୯ଟି ଦାମୀ ଗାଡିର କାଚ ଏବଂ ଅନ୍ୟାନ୍ୟ ପାର୍ଟସ୍‌କୁ ଭାଙ୍ଗି ଚୁନା କରିଦେଇଛନ୍ତି। ସିସିଟିଭି ଫୁଟେଜ ଦେଖିବା ପରେ ଏହି ଗ୍ୟାଙ୍ଗର କାରନାମା ଧରାପଡ଼ିଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି ଏକାଧିକ କାର୍ ମାଲିକ।

## ଲୁହା ଛଡ଼ ଚୋରକୁ ୬ ମାସ ଜେଲ୍



ଭୁବନେଶ୍ୱର, ୧୫।୩ (ସମିସ)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ପୂଜା ଜୈନ ନୂଆପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଏକ ଲୁହା ଛଡ଼ ଚୋରି ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ତଥା ନୂଆପଲ୍ଲୀ ଦୁର୍ଗାମଣ୍ଡପ ନିକଟରେ ରହୁଥିବା ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା କୋଳଥିଗାଁର ବୁଦୁ ଦାସ ଓରଫ୍ ଗୁଡୁକୁ ୬ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁସାରେ, ଗତବର୍ଷ ଅକ୍ଟୋବର ମାସ ୧୩ ତାରିଖ ସକାଳେ ବୁଦୁ ଚୋରି କରିବା ଲାଗି କଳିଙ୍ଗ ଷ୍ଟାଡିୟମର ଆଠ ନମ୍ବର-ଏ ଗେଟ ଦେଇ ଭିତରକୁ ପଶିଥିଲା। ସେଠାରୁ କିଛି ଲୁହା ଛଡ଼ ଚୋରି କରି ନେଇ ଯିବା ଲାଗି ଉଦ୍ୟମ କରିବା ସମୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ପାଟ୍ରୋଲିଂ ଡ୍ୟୁଟିରେ ମୁତୟନ ଥିବା ସିକ୍ୟୁରିଟି ଗାର୍ଡ ତାକୁ ଧରି ପକାଇଥିଲେ। ସୁରକ୍ଷାକର୍ମୀମାନେ ଏ ନେଇ ସିକ୍ୟୁରିଟି ଅଫିସର ବ୍ରଜମୋହନ ପଣ୍ଡାଙ୍କୁ ଅବଗତ କରାଇଥିଲେ। ଶ୍ରୀ ପଣ୍ଡା ପିସିଆର୍ କର୍ମଚାରୀଙ୍କ ସହାୟତାରେ ଅଭିଯୁକ୍ତ ବୁଦୁକୁ ନୂଆପଲ୍ଲୀ ଥାନା ପୁଲିସ ଜିମା ଦେଇଥିବାବେଳେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ କେସ ନଂ ୪୮୩/୨୦୨୩, ଦଫା-୩୭୯ ଆଇପିସିରେ ଏକ ମାମଲା ରୁଜୁ କରି ଏଏସ୍‌ଆଇ ପିକେ ରାଉତଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀ ରାଉତ ଗୁଡୁକୁ ଗିରଫ କରି ତା' ନିକଟରୁ ଚୋରା ଲୁହା ଛଡ଼ ସବୁକୁ ଜବତ କରିଥିଲେ। ମାମଲାର ବିଚାରବେଳେ ଅଦାଲତ ବିଭିନ୍ନ ସାକ୍ଷୀଙ୍କ ବୟାନ ଓ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ବୁଦୁ ଦାସକୁ ୬ ମାସର କାରା ଦଣ୍ଡାଦେଶ ଶୁଣାଇଛନ୍ତି। ସହାୟକ ପବ୍ଲିକ୍ ପ୍ରୋସିକ୍ୟୁଟର୍ କେ ସାହୁ, ଏସ୍ ସ୍ୱାଇଁ ଓ ଏସ୍ ଚୌଧୁରୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ଛିନ୍‌ତାଇ ମାମଲାରେ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ୍

- ମହିଳାଙ୍କ ଠାରୁ ବ୍ୟାଗ୍ ଝାମ୍ପି ଚମ୍ପଟ ମାରିଥିଲେ

ଭୁବନେଶ୍ୱର, ୧୫ ।୩(ସମିସ)

ଖଣ୍ଡଗିରି ଥାନାର ଏକ ଛିନ୍‌ତାଇ ମାମଲାର ଶୁଣାଣି କରି ଭୁବନେଶ୍ୱର ପ୍ରଥମ ଶ୍ରେଣୀୟ-୫ର ବିଚାର ବିଭାଗୀୟ ଅଦାଲତ ଅଭିଯୁକ୍ତ ଅଲ୍ଲୀ ଆଜମ୍ ମଲ୍ଲୀକଙ୍କୁ ଜେଲ୍ ଦଣ୍ଡ ଦିଆଯାଇଛି। ତାଙ୍କୁ ୨ବର୍ଷ ଜେଲ୍ ଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ବର୍ଷ ମେ ୨୦ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ସ୍କୁଟି ଯୋଗେ ବରମୁଣ୍ଡାରୁ ଘରକୁ ଫେରୁଥିଲେ। ସମୟ ପ୍ରାୟ ୮.୩୦ରେ ସେ ଭି-୨ ମଲ୍ ସାମ୍ନାରେ ଥିବା ବେଳେ ହଠାତ ଅଭିଯୁକ୍ତ ଅଲି ଆଜମ ଓ ତାଙ୍କର ସହଯୋଗୀ ଚନ୍ଦନ ନାଏକ ଗୋଟିଏ ମୋଟରସାଇକଲରେ ପଛ ପାର୍ଶ୍ୱରୁ ଆସିଥିଲେ। ଅଭିଯୋଗକାରିଣୀଙ୍କର ଗୋଟିଏ ବ୍ୟାଗରେ ଥିବା ଲ୍ୟାପ୍‌ଟପ୍, ହାର୍ଡ ଡିସ୍କ, ମୋବାଇଲଫୋନ, ସୁନା କାନଫୁଲ, ୭ହଜାର ଟଙ୍କା, ଗୋଟିଏ ସନଗ୍ଲାସ, କିଛି କସମେଟିକ୍ସ ଓ ଅନ୍ୟାନ୍ୟ ଡକୁମେଣ୍ଟ ଛିନତାଇ କରି ନେଇଯାଇଥିଲେ। ଅଭିଯୋଗକାରିଣୀ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀଙ୍କର ଏତାଲା ଆଧାରରେ ଖଣ୍ଡଗିରି ଥାନା ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା। ଥାନାର ତତ୍କାଳୀନ ଏସଆଇ ଦେବଦତ୍ତ ସାମନ୍ତରାୟଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ସାମନ୍ତରାୟ ଅଭିଯୁକ୍ତ ଚନ୍ଦନ ନାଏକ ଓ ଅଲି ଆଜମ ମଲ୍ଲିକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଲୁଟ ଜିନିଷ ଜବତ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହାୟକ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ଏହା ପୂର୍ବରୁ ଅଲି ଆଜମ ଓ ତାଙ୍କର ସହଯୋଗୀ ଚନ୍ଦନ ନାଏକଙ୍କୁ କ୍ୟାପିଟାଲ ଓ ନୂଆପଲ୍ଲୀ ଥାନାରେ ଗୋଟିଏ ଗୋଟିଏ ମାମଲାରେ ସଜା ହୋଇଛି।

## ପତ୍ନୀଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୫।୩ (ସମିସ): ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଭୁବନେଶ୍ୱର ଚେମେଡ଼ି ସାହିର ଘନଶ୍ୟାମ ଦାସ ଓରଫ୍ ବୁବୁ (୩୫)। ସୂଚନା ଅନୁସାରେ, ଘନଶ୍ୟାମ ବିବାହିତ ହୋଇଥିବା ବେଳେ ତାର ପ୍ରଥମ ସ୍ତ୍ରୀ ଛାଡ଼ି ଚାଲିଯିବା ପରେ ସେ ୨୦୧୯ ମସିହାରେ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ପତ୍ନୀଙ୍କ ସହିତ ପୁରୁଣା ଭୁବନେଶ୍ୱର ଚେମେଡ଼ି ସାହିରେ ରହି ଆସୁଥିଲା। ବିବାହ ପରଠାରୁ ଉଭୟେ ପରସ୍ପରଙ୍କ ଚରିତ୍ରକୁ ନେଇ ସନ୍ଦେହ କରୁଥିବାରୁ ଅସନ୍ତୋଷ ଲାଗି ରହୁଥିଲା। ଏହାକୁ କେନ୍ଦ୍ର ୧୨ ତାରିଖ ଦିନ ଘନଶ୍ୟାମ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପତ୍ନୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ହେଲମେଟ ଓ ବେଲ୍ଟରେ ଆକ୍ରମଣ କରିଥିଲେ। ଏହା ପରେ ଏକ ଭଙ୍ଗା ମଦ ବୋତଲ ଦେଖାଇ ତାଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ। ପତ୍ନୀଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଘଟଣାସ୍ଥଳକୁ ଦୌଡି ଆସିବାରୁ ଘନଶ୍ୟାମ ଫେରାର ହୋଇଯାଇଥିଲା। ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ ହେବାପରେ ପୁଲିସ ଘନଶ୍ୟାମକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଫ୍ଲାଟ୍ ବିକ୍ରି ଆଳରେ ୩୭ ଲକ୍ଷ ଠକେଇ; ଜଣେ ଗିରଫ



ଭୁବନେଶ୍ୱର, ୧୫।୩(ସମିସ): ଫ୍ଲାଟ୍ ବିକ୍ରି କରିବା ଆଳରେ ୩୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାରଙ୍ଗ ଥାନା ଦାଢ଼ାପାଟଣା ବଙ୍ଗାଳୀ ସାହିର ବିଜୟ ଗୋଲ୍ଡର (୩୫)। ପୁଲିସ ସୂଚନା ଅନୁସାରେ, କୃଷ୍ଣ ବଲ୍ଲଭ ମିଶ୍ର ଗୋଟିଏ ଘର କିଣିବା ଲାଗି ଯୋଜନା କରୁଥିବାବେଳେ ବିଜୟ ସଂସ୍ପର୍ଶରେ ଆସିଥିଲେ। ପରେ ବିଜୟ ନିଜ ନାମରେ ଥିବା କଳାରାହାଙ୍ଗ ମୌଜାରେ ଗୋଟିଏ ୩ ବିଏଚ୍‌କେ ଘର ଦେଖାଇଥିଲା। ସେହି ଫ୍ଲାଟ୍ ବିକ୍ରି କରିବା ପାଇଁ ୩୭ ଲକ୍ଷ ୬ ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। କୃଷ୍ଣ ଏକ ଚୁକ୍ତିନାମା କରି ବିଭିନ୍ନ ପର୍ଯ୍ୟାୟରେ ସମୁଦାୟ ୩୬ ଲକ୍ଷ ୫୦ ହଜାର ଟଙ୍କା ବିଜୟକୁ ଦେଇଥିଲେ ଓ ଘରଟିକୁ ନିଜ ନାମରେ ପଞ୍ଜୀକରଣ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଜୟ ଟଙ୍କା ନେବାପରେ ଘରଟିକୁ ହସ୍ତାନ୍ତର କରିବାକୁ ମନା କରିବା ସହିତ କୃଷ୍ଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ କୃଷ୍ଣ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ତାସ୍ ଖେଳରୁ ହଣାକଟା ଘଟଣାରେ ୨ ଗିରଫ



ଭୁବନେଶ୍ୱର, ୧୫।୩ (ସମିସ): ତାସ୍ ଖେଳରୁ ହାଣିବା ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପାଇକରାପୁରର ସୂର୍ଯ୍ୟକାନ୍ତ ଦାସ (୨୪) ଓ ସାଲିଆସାହିର ଆକାଶ ମହାପାତ୍ର (୨୭)। ପୁଲିସ ସୂଚନା ଅନୁସାରେ, ପାଇକରାପୁରର ଅମିର ପ୍ରଧାନ ଓ ଧଡୁ ଦାସ ତାସ୍ ଖେଳୁଥିଲେ। ତେବେ ସେମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା ଓ ଧଡୁ ଗାଳିଗୁଲଜ କରିଥିଲା। ଏହାକୁ ନେଇ ଧଡୁ ତାଙ୍କ ପୁଅ ସୂର୍ଯ୍ୟକୁ ଫୋନ୍ କରି ଘଟଣା ବିଷୟରେ ଜଣାଇବା ପରେ ସୂର୍ଯ୍ୟ, ଆକାଶ ଓ ଦୁଇ ଜଣ ସହଯୋଗୀ ଅମିରଙ୍କ ଘରେ ପହଞ୍ଚିଥିଲେ। ସୂର୍ଯ୍ୟ ଓ ଅମିର କଥା ହେଉଥିବାବେଳେ ଆକାଶ ଏକ କରତ ବାହାର କରି ଅମିରଙ୍କୁ ହାଣିଥିଲା। ଗ୍ରାମବାସୀ ଏକାଠି ହୋଇ ଆକାଶ ଓ ସୂର୍ଯ୍ୟକୁ କାବୁ କରି ଥାନାରେ ଦେଇଥିଲେ। ହେଲେ ଆଉ ଦୁଇ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅମିରଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଆକାଶ ଓ ସୂର୍ଯ୍ୟକୁ କୋର୍ଟ ଚାଲାଣ କରିଛି।

## ଯୁବତୀ ପରିଚୟ ଦେଇ ପ୍ରେମ, ପ୍ରତାରଣା

# ବନ୍ଧାହେଲା ୪୨୦ ମହିଳା

ଭୁବନେଶ୍ୱର, ୧୫।୩ (ସମିସ)




ନିଜକୁ ଯୁବତୀ ବୋଲି ପରିଚୟ ଦେଇ ଯୁବକଙ୍କୁ ପ୍ରେମ ଓ ପ୍ରତାରଣା କରି ଲକ୍ଷାଧିକ ଟଙ୍କା ଠକିଥିବା ୪୨୦ ମହିଳାଙ୍କୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ମହିଳା ହେଲେ କେନ୍ଦୁଝର ଜିଲ୍ଲା ନାରାୟଣପୁରର ମଞ୍ଜୁଲତା ନାଏକ (୪୫)। ପୁଲିସ ସୂଚନା ଅନୁସାରେ, ଭୁବନେଶ୍ୱରରେ ରହୁଥିବା ଜଗତସିଂହପୁରର କୃଷ୍ଣଚନ୍ଦ୍ର ସାହୁଙ୍କର ରଙ୍ଗ ନମ୍ବରରେ ମଞ୍ଜୁଲତାଙ୍କ ସହିତ ସମ୍ପର୍କ ହୋଇଥିଲା। ମଞ୍ଜୁଲତା ଜଣେ ବିବାହିତ ମହିଳା ହୋଇଥିବା ବେଳେ ନିଜକୁ ଅବିବାହିତ ଓ ସୁମିତ୍ରା ନାଏକ ବୋଲି ପରିଚୟ ଦେଇଥିଲେ। କିଛି ଦିନର କଥାବାର୍ତ୍ତା ପରେ ମଞ୍ଜୁଲତା ପ୍ରେମ ନିବେଦନ କରିଥିଲେ ଓ ବିବାହ କରିବାକୁ ପ୍ରସ୍ତାବ ଦେଇ ନିଜ ଝିଅର କିଛି ଫଟୋ ଓ ଭିଡିଓ ପଠାଇ ସେଗୁଡ଼ିକୁ ନିଜର ବୋଲି କହିଥିଲେ। କୃଷ୍ଣ ତାଙ୍କୁ ଅବିବାହିତ ଝିଅ ଭାବି ପ୍ରେମ ନିବେଦନକୁ ସ୍ୱୀକାର କରିଥିଲେ। ବିଭିନ୍ନ ସମୟରେ ମଞ୍ଜୁଲତା ନିଜର ମିଥ୍ୟା କରୁଣ କାହାଣୀ କହି ଅର୍ଥ ଆଦାୟ କରିବାକୁ ଚେଷ୍ଟା କରିଥିଲେ। ବିବାହ ନିମନ୍ତେ ମଣ୍ଡପ ବୁକ କରିବାକୁ କହିବା ସହିତ ସ୍ୱାମୀ ନରୋତ୍ତମ ନାଏକଙ୍କୁ ନିଜର ବାପା ବୋଲି ପରିଚୟ ତାଙ୍କ ଆକାଉଣ୍ଟରେ ଦୁଇ ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ। କୃଷ୍ଣ ଭିଡିଓ କଲରେ ଦେଖିବା ପାଇଁ କହିବାରୁ ମଞ୍ଜୁଲତା ଫୋନ୍ କଲ କାଟିଦେଇଥିଲେ। କୃଷ୍ଣଙ୍କର ସନ୍ଦେହ ହେବାରୁ ସେ ଚାଲାକ କରି ମଞ୍ଜୁଲତାଙ୍କୁ ଭୁବନେଶ୍ୱରକୁ ଡାକିଥିଲେ ଓ ବିବାହ ନିମନ୍ତେ ରଖିଥିବା ଗହଣା ନେବା ପାଇଁ କହିଥିଲେ। ମଞ୍ଜୁଲତା ଭୁବନେଶ୍ୱର ଆସି କୃଷ୍ଣଙ୍କୁ ସାକ୍ଷାତ କରି ନିଜକୁ ସୁମିତ୍ରାଙ୍କ ମା'ର ପରିଚୟ ଦେଇଥିଲେ। କୃଷ୍ଣଙ୍କର ସନ୍ଦେହ ହେବାରୁ ସେ ତାଙ୍କର ମୋବାଇଲ ଫୋନ ନେଇ ଯାଞ୍ଚ କରିଥିଲେ। ଏହା ପରେ ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ସମସ୍ତ ଟଙ୍କା ଫେରାଇବାକୁ କହିଥିଲେ। ଏଥିରେ ମଞ୍ଜୁଲତା ତାଙ୍କୁ ଟଙ୍କା ଫେରାଇବା ବଦଳରେ ଧମକ ଦେଇଥିଲେ। କୃଷ୍ଣ ଏ ନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ମଞ୍ଜୁଲତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିନ୍ଦୁସାଗରରୁ ମହିଳାଙ୍କ ମୃତଦେହ ଉଦ୍ଧାର

- ସ୍ୱାମୀଙ୍କ ମୃତ୍ୟୁ ପରେ ମାନସିକ ଭାରସାମ୍ୟ ହରାଇଥିଲେ

ଭୁବନେଶ୍ୱର, ୧୫ ।୩(ସମିସ): ଲିଙ୍ଗରାଜ ଥାନା ବିନ୍ଦୁସାଗରରୁ ଜଣେ ମହିଳାଙ୍କ ମୃତଦେହକୁ ପୁଲିସ ଶୁକ୍ରବାର ଉଦ୍ଧାର କରିଛି। ମୃତ ଦେହକୁ ଉଦ୍ଧାର କରାଯିବା ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ମୃତା ମହିଳା ହେଲେ ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜର ତୃପ୍ତି ଦାସ (୫୩)। ରାଜଧାନୀ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପୁଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗତ ଗୁରୁବାର ସକାଳେ ସେ ଜୟଦେବ ବିହାରର ଏକ ମନ୍ଦିରକୁ ଯାଇ ନିଖୋଜ ହୋଇ ଯାଇଥିଲେ। ଏ ନେଇ ପରିବାର ଲୋକ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ନିଖୋଜ ମାମଲା କରିଥିଲା। ଶୁକ୍ରବାର ସକାଳେ ବିନ୍ଦୁସାଗରରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଖବର ପାଇ ପୁଲିସ ସେଠାରେ ପହଞ୍ଚି ଥିଲା। ମୃତଦେହ ଉଦ୍ଧାର କରିବା ପରେ ତାଙ୍କ ପରିଚୟ ମିଳିଥିଲା। ଖବର ପାଇ ତାଙ୍କ ପରିବାର ଲୋକ ସେଠାରେ ପହଞ୍ଚି ଥିଲେ। କିଛିଦିନ ତଳେ ସ୍ୱାମୀ ଯଦୁମଣିଙ୍କ ମୃତ୍ୟୁ ପରେ ତୃପ୍ତିଙ୍କର ମାନସିକ ସ୍ଥିତି ଠିକ ରହୁନଥିଲା। ତାଙ୍କର ଉଚ୍ଚ ରକ୍ତଚାପ ରୋଗ ମଧ ଥିଲା ବୋଲି ପରିବାର ଲୋକ ସୂଚନା ଦେଇଛନ୍ତି। ତେବେ ଜୟଦେବ ବିହାରରୁ ବିନ୍ଦୁସାଗର ପର୍ଯ୍ୟନ୍ତ ସେ କିପରି ଗଲେ, ସେଠାରେ କେମିତି ପାଣିରେ ପଡ଼ିଲେ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।



## ସହର ଭିତରେ ଜାତୀୟ ରାଜପଥ ଅନ୍ଧାର

# ଅନ୍ୟର ଭୁଲ୍, ଭୋଗୁଛନ୍ତି ଜନତା

ଭୁବନେଶ୍ୱର, ୧୫ ।୩(ସମିସ)

ରାଜଧାନୀ ସହର ଭିତର ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥରେ ଜୟଦେବ ବିହାରରୁ ବାଣୀବିହାର ପର୍ଯ୍ୟନ୍ତ ଡିଭାଇଡର୍‌ରେ ଲାଗିଥିବା ଏଲ୍‌ଇଡି ଲାଇଟ୍ ଜଳୁନି। ଦିନେ ଦିନେ ଅଧା ଜଳୁଥିଲେ, ଆଉ ଅଧା ଆଦୌ ଜଳୁନାହିଁ। ଯାହା ଫଳରେ ଅଧିକାଂଶ ସମୟରେ ଏହି ସ୍ଥାନ ଅନ୍ଧାରରେ ରହୁଛି। ଫଳସ୍ୱରୂପ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିବାର ସମ୍ଭାବନା ବୃଦ୍ଧି ପାଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଏ ସବୁ ଜାଣି ବି ଚୁପ୍ ବସିଛି।

ଜୟଦେବ ବିହାରରୁ ବାଣୀବିହାର ଓଭରବ୍ରିଜ୍ ସହରର ମଧ୍ୟବର୍ତ୍ତୀସ୍ଥଳ। ଏହି ରାସ୍ତାରେ ପ୍ରତିଦିନ ସହର ଭିତର ସମେତ ବାହାରକୁ ହଜାର ହଜାର ଗାଡ଼ି ଯାତାୟାତ କରୁଛି। ରାସ୍ତା ଅନ୍ଧାର ଥିବାରୁ ବିଳମ୍ବିତ ରାତିରେ ଅସାମାଜିକ ବ୍ୟକ୍ତିଙ୍କୁ ଏହା ସୁହାଉଛି। ରାତିରେ ରାସ୍ତା ଉପରେ ରହି ଲୋକଙ୍କୁ ଧମକାଇବାକୁ ସୁବିଧା ହେଉଛି। ସାଧାରଣ ଲୋକଙ୍କୁ ଏକୁଟିଆ ଦେଖିଲେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଅନ୍ୟପକ୍ଷରେ ରାସ୍ତା ମଝିରେ ଡିଭାଇଡର୍ ଲାଗିବା ସତ୍ତ୍ୱେ ଉଭୟପାର୍ଶ୍ୱରୁ ଯିବା ଆସିବା କରୁଥିବା ଗାଡ଼ି ଚାଳକଙ୍କ ପରସ୍ପର ଉପରକୁ ଗାଡ଼ି ଲାଇଟ୍ ସିଧାସଳଖ ଭାବେ ପଡୁଛି। ତେଣୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି। ବାରମ୍ବାର ଏହି ଲାଇଟ୍‌ରେ ଏଭଳି ସମସ୍ୟା ଉପୁଜୁଥିଲେ ହେଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରୁନାହାନ୍ତି।

**ମାସକୁ ଅଧା ଦିନ ଜଳୁନି ଷ୍ଟ୍ରିଟ୍ ଲାଇଟ୍**

**ନିର୍ମାଣ ବେଳେ ଭୁଲ୍ ହୋଇଛି ୱେୟାରିଂ**



ଏଥିସହ କେବଳ ଏହି ଛକ ନୁହେଁ ବରମୁଣ୍ଡା ଓ ଖଣ୍ଡଗିରି ଫ୍ଲାଏଓଭର ବ୍ରିଜ୍‌ରେ ମଧ୍ୟ ଦୀର୍ଘ ଦିନ ଧରି ଲାଇଟ୍‌ର ଅଚଳାବସ୍ଥା ସମସ୍ୟା ଲାଗି ରହିଛି। ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଫ୍ଲାଏଓଭର୍ ବ୍ରିଜ୍ ନିର୍ମାଣ ସମୟରେ ଯେଉଁ ବିଦ୍ୟୁତ୍ ୱେୟାରିଂ କରାଯାଇଥିଲା ତା'ର ଜଏଣ୍ଟ, କେଉଁ ଲାଇଟ୍‌ର ସଂଯୋଗସ୍ଥଳ କେଉଁଠାରେ ଅଛି, ଏସବୁ ଜାଣି ହେଉନାହିଁ। ନିର୍ମାଣ ସମୟରେ କରାଯାଇଥିବା ତ୍ରୁଟିକୁ କେହି ଧରି ପାରୁନାହାନ୍ତି। ଫଳରେ ଏଭଳି ସମସ୍ୟା ଉପୁଜୁଛି।

ଏ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ଏମ୍ ନାଗେଶ୍ୱର ରାଓଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ଅନ୍ଧାର ସମ୍ପର୍କରେ ଆମେ ଜାଣିଛୁ, ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବ। ସାଧାରଣରେ ଆଲୋଚନା ହେଉଛି ଯେ, ନିର୍ମାଣ ବେଳେ କେଉଁ ଯନ୍ତ୍ରୀ ଏଭଳି ବେପରୁଆ ଭାବେ କାମ କରିଥିଲେ, ଯାହା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**● ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଯାପିତ**

## ବାଳକୃଷ୍ଣ ମହାପାତ୍ରଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'




ଭୁବନେଶ୍ୱର, ୧୫।୩(ସମିସ)

ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଜୟଦେବ ଭବନଠାରେ ଚାଲିଥିବା ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହ 'ରଙ୍ଗାଜୀବ-ଗଙ୍ଗାଧର' ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୀଳାଦ୍ରି ମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓଡ଼ିଆ ସାହିତ୍ୟରେ ସ୍ୱଭାବକବି ଗଙ୍ଗାଧରଙ୍କ ମାତୃଭୂମି ଓ ମାତୃଭାଷା ପ୍ରୀତିର ସ୍ୱତନ୍ତ୍ରତା ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥିଭାବେ ଦୈନିକ 'ସକାଳ'ର ସମ୍ପାଦକ ଡ.ଉମାକାନ୍ତ ମିଶ୍ର ନିଜ ବକ୍ତବ୍ୟରେ ଗଙ୍ଗାଧର ଓଡ଼ିଶାର ସର୍ବାଦୃତ ପ୍ରକୃତିକବି ବୋଲି ମତ ରଖିଥିଲେ। ବରେଣ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ମୌଳିକ ବିଜ୍ଞାନ-କଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶୁଭଦା ପ୍ରଣବାକ୍ଷରା ରଥ, ସଭାର ମୁଖ୍ୟବକ୍ତା ତଥା ଅନୁଷ୍ଠାନର ସମ୍ପାଦକ ଡ.କୃଷ୍ଣକେଶବ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଓ କବି ବାଳକୃଷ୍ଣ ମହାପାତ୍ରଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା।

## ୱିପ୍ରୋ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୧୫।୩ (ସମିସ): ପଟିଆ ଇନ୍‌ଫୋସିଟିସ୍ଥିତ ୱିପ୍ରୋ କନ୍‌ଫରେନ୍ସ ହଲ୍‌ରେ ୱିପ୍ରୋ ଓ ଓଡ଼ିଶା ରକ୍ତଦାତା ମହାସଂଘ, କଟକ ସ୍ଥିତ ସେଣ୍ଟ୍ରାଲ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ୱିପ୍ରୋର ବିଭାଗୀୟ ମୁଖ୍ୟ ବିନୟ କୁମାର ମିଶ୍ର ପ୍ରଥମେ ରକ୍ତଦାନ କରି ଉଦ୍‌ଘାଟନ କରିଥିଲେ। ମନ୍ମଥ ମହାପାତ୍ର ଓ ଫେଡେରେସନ ଅଫ୍ ବ୍ଲଡ୍ ଡୋନର୍ ଅର୍ଗାନାଇଜେସନ୍ ଅଫ ଓଡ଼ିଶା (ଏଫବିଡିଓଓ) ର ତ୍ରିଲୋଚନ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ନିର୍ବାଚନ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ

ବାଲିଅନ୍ତା, ୧୫।୩(ସମିସ): ୨୦୨୪ ସାଧାରଣ ନିର୍ବାଚନ ପରିଚାଳନା ନେଇ ବାଲିଅନ୍ତା ବ୍ଲକ ପୂରଣପଧାନ ପଞ୍ଚାୟତ ଛକ ନିକଟସ୍ଥ ମଞ୍ଜରୀଦେବୀ କଲେଜ କ୍ୟାମ୍ପସ୍‌ରେ ଦୁଇଦିନ ଧରି ଚାଲିଥିବା ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୮୨୧ ଜଣ ସରକାରୀ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବିଭିନ୍ନ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟର କର୍ମଚାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିମପ୍ରାପ୍ତ ମାଷ୍ଟର ଟ୍ରେନର୍‌ମାନେ ପ୍ରିଜାଇଡିଂ ଅଫିସର, ପ୍ରଥମ ପୁଲିଂ ଅଫିସର, ଦ୍ୱିତୀୟ ପୁଲିଂ ଅଫିସର, ତୃତୀୟ ପୁଲିଂ ଅଫିସର, ଚତୁର୍ଥ ପୁଲିଂ ଅଫିସର ଓ ୫ମ ପୁଲିଂ ଅଫିସର କାର୍ଯ୍ୟ ସମ୍ପାଦନ ନିମନ୍ତେ ତାଲିମ ପ୍ରଦାନ କରିଥିଲେ। ଜୟଦେବ ନିର୍ବାଚନମଣ୍ଡଳୀରେ ମୋଟ ୨୩୬ ବୁଥ୍‌କୁ ଶ୍ରେଣୀ ଅନୁସାରେ ଯଥାକ୍ରମେ ସଖୀ ବୁଥ୍, ପିଡବ୍ଲୁଡି ବୁଥ, ୟୁଥ୍ ମ୍ୟାନେଜ୍ ବୁଥ୍ ଓ ଇକୋ ଫ୍ରେଣ୍ଡଲି ବୁଥ୍‌ରେ ବିଭାଜନ କରାଯାଇ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଶାରୀରିକ ଅକ୍ଷମତା ଯୋଗୁଁ ମତଦାନରୁ ବଞ୍ଚିତ ରହୁଥିବା ବ୍ୟକ୍ତି ଏଥର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରେ ଭୋଟ ଦେଇ ପାରିବେ। ଭୁବନେଶ୍ୱର ଉପ ଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ସହକାରୀ ଉପ ଜିଲ୍ଲାପାଳ ନୀତିଶ କୁମାର ତ୍ରିପାଠୀ, ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା, ବାଲିଅନ୍ତା ବିଡିଓ ପବିତ୍ର କୁମାର ସାମଲ, ବାଲିପାଟଣା ବିଡିଓ ସ୍ମୃତିପ୍ରଜ୍ଞା ଓ ବାଲିପାଟଣା ତହସିଲଦାର ଅର୍ଚ୍ଚନା ଦାଶ ପ୍ରମୁଖଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ତାଲିକା କାର୍ଯ୍ୟ ତଦାରଖ କରିଥିଲେ।

## ସୋଆ କୃଷି ସଙ୍ଗମ୍ ଉଦ୍‌ଯାପିତ




ଭୁବନେଶ୍ୱର, ୧୫।୩(ସମିସ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍)ରେ ଚାଲିଥିବା କୃଷି ସଙ୍ଗମ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ କୃଷି ଅର୍ଥନୀତିରେ କୃଷକମାନଙ୍କର ସର୍ବବିଧ ବିକାଶ ଆବଶ୍ୟକ। ସ୍ଥାୟୀ କୃଷି ଓ ଜୀବିକା ନିରାପତ୍ତା ଦିଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳର ଭୂମିକା ଆଜିର ଯୁଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଇମ୍ଫାଲ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅନୁପମ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୋଆର ପ୍ରୋ-ଭାଇସ ଚାନ୍‌ସେଲର ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଆଇଏଏସ୍‌ର ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ପ୍ରମୁଖ ତିନିଦିନ ଧରି ଚାଲିଥିବା କୃଷି ସଙ୍ଗମ-୨୦୨୪ରେ ବିଭିନ୍ନ ପ୍ରସଙ୍ଗରେ ହୋଇଥିବା ଆଲୋଚନାଚକ୍ରରେ ଯେଉଁ ତଥ୍ୟ ଉପସ୍ଥାପନା କରାଯାଇଥିଲା ତାହାକୁ କିପରି କୃଷି କ୍ଷେତ୍ରରେ ଉପଯୋଗ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ସଙ୍ଗମର ଆବାହକ ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଅତିଥିମାନେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ସହିତ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ଲାଣ୍ଟ ଫିଜିଓଲୋଜି ବିଭାଗର ପ୍ରଫେସର ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅନ୍ତର୍ନିହିତ ପ୍ରତିଭାର ବିକାଶ କରିପାରିଲେ ସୁନ୍ଦର ଭବିଷ୍ୟତ ଗଢ଼ିପାରିବା'

**ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ପୁରସ୍କାର ବିତରଣ**

ଭୁବନେଶ୍ୱର, ୧୫।୩(ସମିସ)

:ଶିଶୁମାନଙ୍କୁ ସୃଜନଶୀଳ କାର୍ଯ୍ୟକ୍ରମରେ ନିୟୋଜିତ ରଖି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିପାରିଲେ ଆମେ ଏକ ସୁନ୍ଦର ଭବିଷ୍ୟତ ଗଢ଼ିପାରିବା। ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଶିଶୁମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ କ୍ଷେତ୍ରରେ ଶିଶୁମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି ବୋଲି ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ମିନତୀ ବେହେରା କହିଛନ୍ତି। ଶୁକ୍ରବାର ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା-୨୦୨୩ର କୃତୀ ଶିଶୁମାନଙ୍କୁ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ବେହେରା ଏହା କହିବା ସହ କୃତୀ ଶିଶୁମାନଙ୍କୁ ପୁରସ୍କାର ବିତରଣ କରି ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଦୃଢ଼ ସଂକଳ୍ପ ନେଇ କାମ କଲେ ସବୁ କ୍ଷେତ୍ରରେ



ସଫଳତା ମିଳିବ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମହିଳା ଶିଶୁ ବିଭାଗର ଆଇସିଡିଏସ୍ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନୀଷା ବାନର୍ଜୀ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଓ ମହିଳା ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା, ମହିଳା ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ରେଗା ଗୀତ ରାଣୀ ପଟ୍ଟନାୟକ କୃତୀ ଶିଶୁମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ରାଜ୍ୟ କଲ୍ୟାଣ ପରିଷଦର ସଦସ୍ୟ ସଚିବ କ୍ୱାମାର ସୁଲତାନା ବେଗମ ସ୍ୱାଗତ ଭାଷଣ ଦେଇଥିଲେ। ତେବେ ୩୦ଟି ଜିଲ୍ଲାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହଯୋଗରେ ସମଗ୍ର ରାଜ୍ୟରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବିଏମ୍‌ସି ପକ୍ଷରୁ ସପ୍ତମ ପର୍ଯ୍ୟାୟରେ ୨୫୦୦ଏଲ୍‌ଆର୍‌ସି ବଣ୍ଟନ

ଭୁବନେଶ୍ୱର, ୧୫ ।୩(ସମିସ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜାଗା ମିଶନ ଅଧୀନରେ ସପ୍ତମ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣ ପତ୍ର ଯୋଗ୍ୟ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି। ଏଥିରେ ମୋଟ ୪୧୯୪ ଏଲ୍‌ଆର୍‌ସି ବଣ୍ଟାଯିବାର ବ୍ୟବସ୍ଥା ହୋଇଥିଲା। ହେଲେ ପ୍ରାୟ ୨୫୦୦ ହିତାଧିକାରୀ ଏଲ୍‌ଆର୍‌ସି ନେଇଛନ୍ତି। ନେତାଜି ଖେଳ ପଡ଼ିଆ ବଡଗଡ଼, ୟୁନିଟ୍ -୮ କମ୍ୟୁନିଟି ସେଣ୍ଟର ଏବଂ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡଗଡ଼ ନେତାଜୀ ଗ୍ରାଉଣ୍ଡଠାରେ ବିଜ୍ଞାନ, କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, କମିସନର ରାଜେଶ ପ୍ରଭାକର ପାଟିଲ୍, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ଅତିରିକ୍ତ କମିସନର ଘାସିରାମ ମୁର୍ମୁଙ୍କ ଉପସ୍ଥିତିରେ ହିତାଧିକାରୀମାନଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ୟୁନିଟ୍ -୮ କମ୍ୟୁନିଟି ସେଣ୍ଟରରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତନାରାୟଣ ଜେନା ଏବଂ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ସମସ୍ତ ସ୍ଥାନରେ ବିଏମ୍‌ସିର ଜୋନାଲ ଡେପୁଟି କମିସନର, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ଯୋଗ୍ୟ ହିତାଧିକାରୀ ଭୂମି ଅଧିକାର ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଜାଗା ମିଶନରେ କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେ ନାହିଁ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଏହି ପ୍ରକ୍ରିୟାରେ ପ୍ରକାର ଭୁଲ୍ ଥିଲେ ତାହାର ସଂଶୋଧନ ମଧ୍ୟ କରାଯିବାର ବ୍ୟବସ୍ଥା ରହିଛି ବୋଲି ଶ୍ରୀମତୀ ଦାସ କହିଛନ୍ତି। ଡେପୁଟି କମିସନର କାଜଲ୍ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କୃଷିମେଳା ଓ ଶ୍ରୀଅନ୍ନ ପ୍ରଦର୍ଶନୀ

ବାଲିପାଟଣା, ୧୫।୩(ସମିସ): କୃଷିରତ ମହିଳା ସଂସ୍ଥାନ (ସିୱା) ପକ୍ଷରୁ ଶୁକ୍ରବାର ମାହିରା ଏଫ୍‌ପିଓ ସହାୟତାରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଶ୍ରୀରାମପୁର ଗ୍ରାମରେ ବୁଦ୍ଧିକେଶ୍ୱର ମନ୍ଦିର ପ୍ରାଙ୍ଗଣଠାରେ କୃଷିମେଳା ଓ ଶ୍ରୀ ଅନ୍ନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗ ଦେଇଥିଲେ। ସିୱାର ନିର୍ଦ୍ଦେଶିକା ଡ: ମୃଦୁଳା ଦେବୀ, ଜିଏଫ୍‌ସିଏସ୍‌ର ମୁଖ୍ୟ ଡ. ଅରୁଣ ପଣ୍ଡା (କେଏମ୍‌ଏମ୍‌ଇ) ପ୍ରଧାନ ବୈଜ୍ଞାନିକ ଓ କନଭେନର୍ ଡ. ଲିପି ଦାସ, ଇଫ୍‌କୋର ରାଜ୍ୟ ମୁଖ୍ୟ ଏସ୍‌କେ ଚାର୍ଟାଜୀ, ନିଗମ ଏନ୍‌ଜିଓର ସମ୍ପାଦକ ସୁରେଶ କୁମାର ତ୍ରିପାଠୀ, ମିଲେଟ୍ ମୋର୍ ଆଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ବ୍ରଜ କିଶୋର ସ୍ୱାଇଁ, ଆଗ୍ରୋଧାନର ଅଧ୍ୟକ୍ଷ ହରପ୍ରସାଦ ପ୍ରଧାନ, ସନ୍ଦିପନ ରିସର୍ଚ୍ଚ ସେଣ୍ଟରର ଅଧ୍ୟକ୍ଷ ଇଂ. ଆର୍ ସନ୍ଦୀପ କୁମାର ସେନ, ଓଡିଏଆଇ ନେଚର୍ ଆଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ସତ୍ୟସ୍ୱରୂପ ନନ୍ଦ, ମାହିରା ଏଫ୍‌ପିଓ ଚେୟାରମ୍ୟାନ କୁମୁଦିନୀ ସ୍ୱାଇଁ, ମାର୍କେଟିଂ ମୁଖ୍ୟ ନିମାଇଁ ଚରଣ ନାୟକ, ମହିଳା ବିକାଶ ସଂଗଠନର ଅଧ୍ୟକ୍ଷା ମଧୁସ୍ମିତା ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ସିୱାର ଅତୁଲ ହେମ୍ବ୍ରମ୍, ଶ୍ରୀୟା ପ୍ରିୟଦର୍ଶିନୀ ସମସ୍ତ କାର୍ଯ୍ୟରେ ସହାୟତା କରିଥିଲେ। ଡ. ଗାୟତ୍ରୀ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ୍ୱ କୃଷିଜୀବୀ ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୃଦୁଳା ଦେବୀ ମହିଳାମାନଙ୍କୁ ଆନନିର୍ଭର କରିବା ଓ ସଶକ୍ତ କରିବା ଦିଗରେ ସିୱାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମିଲେଟ ପ୍ରଡକ୍ଟର ପ୍ରୋସେସିଂ ଓ ଏହାର ପ୍ରସ୍ତୁତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଯୋଗଦାନ ଓ ଲାଭ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ବୈଜ୍ଞାନିକ ଡ. ଲିପି ଦାସ 'ଶ୍ରୀ ଅନ୍ନ ଗ୍ରାମ' ପ୍ରୋଜେକ୍ଟର ଶ୍ରୀରାମପୁର ଓ ଆମେନାକୁଦ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବରେ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟ ମରେ କିପରି ମହିଳାମାନେ ଅଧିକ ରୁ ଅଧିକ ରୋଜଗାରକ୍ଷମ ହୋଇ ଆ। ନିର୍ଭରଶିଳ ହେବେ ଏହି ବିଷୟରେ ଆଲୋଚନା କରିଥିଲେ। ପ୍ରଦର୍ଶନୀରେ ୧୦ରୁ ଉର୍ଦ୍ଧ୍ୱ ସଂସ୍ଥା ଓ କମ୍ପାନୀ ନିଜ ନିଜର ମିଲେଟ୍ ଉତ୍ପାଦ ପ୍ରଦର୍ଶନ କରିଥିଲେ। ଶେଷରେ ଡ. ଲିପି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀର ପ୍ରଥମ ପେସାଦାର ମହିଳା ଡ୍ରାଇଭର

# ପିଲାଙ୍କ ଭବିଷ୍ୟତ ପାଇଁ ଷ୍ଟିଅରିଂ ଧରିଲେ ବିମଳା

ଭୁବନେଶ୍ୱର, ୧୫।୩(ସମିସ)

ପୂର୍ବରୁ ଯେଉଁ କ୍ଷେତ୍ରକୁ କେବଳ ପୁରୁଷମାନଙ୍କ ପ୍ରବେଶ ରହିଥିଲା ବର୍ତ୍ତମାନ ସେ କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତା ଦେଖାଇବାରେ ସଫଳ ହୋଇଛନ୍ତି। ଘରର ଚାରିକାନ୍ଥ ଭିତରେ ଆବଦ୍ଧ ରହୁଥିବା ମହିଳାମାନେ ଏବେ ସ୍ୱାବଲମ୍ବୀ ହୋଇ ପୁରୁଷ କୈନ୍ଦ୍ରିକ ସମାଜରେ ଉଦାହରଣ ପାଲଟିଛନ୍ତି। ଏଭଳି ଜଣେ ମହିଳା ହେଉଛନ୍ତି ରାଜଧାନୀର ବିମଳା ନାୟକ। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସ୍ୱପ୍ନକୁ ସାକାର କରିବାକୁ ସ୍ୱାମୀଙ୍କ କାନ୍ଧରେ କାନ୍ଧ ମିଶାଇ ପରିବାରର ଆର୍ଥିକ ସ୍ଥିତିକୁ ସଜାଡ଼ିବାକୁ ସେ ପାଲଟିଗଲେ ପେସାଦାର ଡ୍ରାଇଭର। ଏବେ ରାଜଧାନୀ ରାସ୍ତାରେ ଗଡ଼ାଉଛନ୍ତି ସେଡାନ୍ ଠାରୁ ଆରମ୍ଭ କରି ଏକ୍ସୟୁଭି ସାଙ୍ଗକୁ ଭାରି ଯାନ। ତେବେ ବିମଳାଙ୍କୁ ରାଜଧାନୀର ପ୍ରଥମ ପେସାଦାର ମହିଳା ଡ୍ରାଇଭର କହିଲେ ଅତ୍ୟୁକ୍ତି ହେବ ନାହିଁ।

ଭୁବନେଶ୍ୱରର ପଥରବନ୍ଧ ବସ୍ତିରେ ସ୍ୱାମୀ ଓ ତିନୋଟି ପିଲାଙ୍କୁ ବିମଳାଙ୍କ ସଂସାର। ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାରରେ ୫ପ୍ରାଣୀ ଚଳିବା କଷ୍ଟକର ହୋଇପଡ଼ିବାରୁ ବିମଳା ପଦାକୁ ଗୋଡ଼ କାଢ଼ିଥିଲେ। ବଡ଼ ଝିଅର କଲେଜ ଖର୍ଚ୍ଚ ସାଙ୍ଗକୁ ଅନ୍ୟ ଦୁଇ ପିଲାଙ୍କ ସ୍କୁଲ ଖର୍ଚ୍ଚ ବହନ କରିବା ଉଭୟଙ୍କ ପାଇଁ ସମସ୍ୟା ହୋଇଥିଲା। ବିମଳା ଦଶମ ଶ୍ରେଣୀ ପାସ୍ କରିଥିବାବେଳେ ପିଲାଦିନରୁ ଗାଡ଼ି ଚଳାଇବା ପ୍ରତି ଦୁର୍ବଳତା ରହିଥିଲା। ଏହି ସମୟରେ ତାଙ୍କୁ ରାହା ଦେଖାଇଥିଲା ସିୱାଇଏସ୍‌ଡି ପକ୍ଷରୁ ଆରମ୍ଭ ହୋଇଥିବା 'ଓମେନ୍ ଅନ୍ ହ୍ୱିଲ୍' ମାଧ୍ୟମରେ ମାଗଣା ଡ୍ରାଇଭିଂ ଟ୍ରେନିଂ। ବିଭିନ୍ନ ବସ୍ତିର ଇଚ୍ଛୁକ ମହିଳାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସର୍ଟଲିଷ୍ଟ କରାଯାଇଥିଲା। ଶେଷରେ ୨୦ଜଣ ମହିଳା ଡ୍ରାଇଭିଂ ଟ୍ରେନିଂ ପାଇଁ ଚୟନ ହୋଇଥିଲେ। ସେମାନଙ୍କୁ ସିୱାଇଏସ୍‌ଡି ପକ୍ଷରୁ ମାଗଣାରେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ୬ମାସ ପର୍ଯ୍ୟନ୍ତ ନିୟମିତ ଗାଡ଼ି ଚାଳନା ଶିଖାଯାଇଥିଲା। ଭାରି ଯାନ ଠାରୁ ଆରମ୍ଭ କରି ହାଲୁକା ଯାନ ଚଳାଇବାର କୌଶଳ ପ୍ରଦାନ କରାଯାଇଥିଲା। ଯେଉଁଥିରେ ପ୍ରଥମରେ ରହିଥିଲେ ବିମଳା। ନିଜର ଅହେତୁକ ଇଚ୍ଛାଶକ୍ତି ପାଇଁ ସେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଶିକ୍ଷଣରେ ଭଲ ପ୍ରଦର୍ଶନ କରିଥିବାରୁ ସମସ୍ତଙ୍କ ପ୍ରିୟ ପାଲଟିଥିଲେ। ସେତେବେଳେ ବଡ଼ ଝିଅ ସ୍କୁଲରେ ପାଠ ପଢୁଥିବାବେଳେ ଜଣେ ଅଢ଼େଇ ବର୍ଷ ଓ ଜଣେ ଦେଢ଼ବର୍ଷର ପିଲାକୁ ଘରେ ଛାଡ଼ି ହାତରେ ଧରିଲେ ଗାଡ଼ିର ଷ୍ଟିୟରିଂ। ଆର୍ଥିକ ଜଞ୍ଜାଳରୁ ମୁକ୍ତି ପାଇବାକୁ ସେ ଅନେକ ଲୋକଙ୍କ ଟାହିଟାପରାକୁ ଖାତିର ନକରି ଆଗକୁ ବଢ଼ି ଚାଲିଥିଲେ। ତାଙ୍କର ଦୃଢ଼ମନା ଓ ସାହସ ତାଙ୍କୁ କେବଳ ସ୍ୱାବଲମ୍ବୀ କରିନାହିଁ ବରଂ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ବାଟ ଦେଖାଇଛି। ଡ୍ରାଇଭିଂ ଟ୍ରେନିଂ ନେବା ପରେ ସେ ପ୍ରଥମେ ବିଏମ୍‌ସି ସଫେଇ ଗାଡ଼ି ଚଳାଉଥିଲେ। ପରେ ସିୱାଇଏସ୍‌ଡି ପକ୍ଷରୁ ତାଙ୍କୁ ପେସାଦାର ଡ୍ରାଇଭର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ୪ବର୍ଷ ହେବ ସେ ଜଣେ ଡ୍ରାଇଭର ଭାବେ ରାଜଧାନୀ ସମେତ ଡ୍ୟୁଟି ସମୟରେ ଅନ୍ୟ ସ୍ଥାନକୁ ମଧ୍ୟ ଯିବା ଆସିବା କରିଥାନ୍ତି। ତେବେ ଯଦିଓ ରାଜଧାନୀରେ ଅନେକ ମହିଳା ଡ୍ରାଇଭର ନଜର ଆସିଛନ୍ତି ତେବେ ଜଣେ ପେସାଦାର ଡ୍ରାଇଭର ଭାବେ ଚାକିରି କରିବା ପ୍ରଥମ ମହିଳା ହେଉଛନ୍ତି ବିମଳା। ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ସେ ନିଜର ଡ୍ୟୁଟି କରିଥାନ୍ତି। ରାତିରେ ଘରକୁ ଫେରି ପୁଣି ପିଲାମାନଙ୍କ ଯତ୍ନ ନେବାର ଡ୍ୟୁଟି କରିଥାନ୍ତି। ଏ ନେଇ ବିମଳା କହନ୍ତି ଯେ, ବୟସ, ଲିଙ୍ଗଗତ ତାରତମ୍ୟ କେବେ ଆତ୍ମନିର୍ଭରଶୀଳ ହେବାରେ ପ୍ରତିବନ୍ଧକ ସାଜିପାରେ ନାହିଁ।





## ଜୋର୍ ଧରିଲା ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପେନ୍‌ସନ୍ ଦାବି

ଭୁବନେଶ୍ୱର, ୧୫ ।୩(ସମିସ): ଜୋର ଧରିଲା ରାଜ୍ୟର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପେନସନ୍ ଦାବି । ହାଇକୋର୍ଟ ନିର୍ଦ୍ଦେଶକୁ ପାଳନ କରି ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପେନସନ ଯଥାଶୀଘ୍ର ଲାଗୁ କରିବାକୁ ମିଳିତ ସଂଘ ୟୁନାଇଟେଡ୍ ଫୋରମ ପକ୍ଷରୁ କୁହାଯାଇଛି । ଦାବି ଅନୁଯାୟୀ, ରାଜ୍ୟ ସରକାରଙ୍କ ଅଧୀନରେ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷମାନଙ୍କରେ ବିଭିନ୍ନ ବର୍ଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଜନସାଧାରଙ୍କ ସାମୂହିକ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି । ଅବସର ପରେ ସେମାନଙ୍କ ଆର୍ଥିକ ସ୍ଥିତି ବିଗୁଡୁଛି । ତେଣୁ ପେନସନ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ କର୍ମଚାରୀ ସଙ୍ଘଗୁଡ଼ିକ କର୍ତ୍ତୃପକ୍ଷ ଏବଂ ରାଜ୍ୟସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରିଆସୁଛନ୍ତି । ହେଲେ କୌଣସି ପଦକ୍ଷେପ ନେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏପରିକି ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ପେନସନ ଯୋଜନା ଲାଗୁ କରିବା ପାଇଁ ଆଦେଶ ଦେଇଥିଲେ । ହେଲେ ଏହା ସତ୍ତ୍ୱେ ମଧ୍ୟ ଲାଗୁ କରାଗଲା ନାହିଁ ଯାହା ଅତ୍ୟନ୍ତ ଦୁଃଖର ବିଷୟ ବୋଲି କର୍ମଚାରୀ ସଂଘ ୟୁନାଇଟେଡ ଫୋରମ ପକ୍ଷରୁ କୁହାଯାଇଛି ।

## ୫ଜଣ ଇନ୍ସପେକ୍ଟରଙ୍କୁ ମିଳିଲା ନୂଆ ନିଯୁକ୍ତି

ଭୁବନେଶ୍ୱର, ୧୫ ।୩(ସମିସ): ୫ଜଣ ଇନ୍ସପେକ୍ଟରଙ୍କୁ ମିଳିଛି ନୂଆ ଥାନା । ସିପି ମୁଖ୍ୟାଳୟରେ ଥିବା ପିଙ୍କି କୁମାରୀ ମୁର୍ମୁଙ୍କୁ ସାଇବର ଥାନାର ଅତିରିକ୍ତ ଥାନା ଅଧିକାରୀଭାବେ ବଦଳି କରାଯାଇଛି । ସେହିପରି ସିପି ମୁଖ୍ୟାଳୟରେ ଥିବା ପ୍ରମୋଦ ଲୋଚନ ପାଣିଗ୍ରାହୀଙ୍କୁ ଚନ୍ଦ୍ରଶେଖରପୁର ଥାନାର ଅତିରିକ୍ତ ଥାନା ଅଧିକାରୀଭାବେ ନିଯୁକ୍ତି ଦିଆଯାଇଛି । ସିପି ମୁଖ୍ୟାଳୟରେ ଥିବା କମଳାକାନ୍ତ ଦାଶଙ୍କୁ କଟକ ମର୍କତନଗର ଥାନାର ଅତିରିକ୍ତ ଥାନା ଅଧିକାରୀ ଏବଂ ପ୍ରଦୀପ କୁମାର ଜୁଝରସିଂଙ୍କୁ କ୍ୟାପିଟାଲ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି କ୍ୟାପିଟାଲ ଥାନାରେ ଥିବା ଅତିରିକ୍ତ ଥାନା ଅଧିକାରୀ ଦିଲ୍ଲୀପ କୁମାର ମରର୍ଦରାଜସିଂଙ୍କୁ ଡିଆଇବି ଇନ୍ସପେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ଫୁଲନଖରା ଟ୍ରାଫିକ୍ ଥାନାରେ ଥିବା ଏସ୍‌ଆଇ ଆକାଶ ସାମଲଙ୍କୁ ସାଇବର ଥାନାକୁ ବଦଳି କରାଯାଇଛି ।

## ସ୍ଥାୟୀ ନିଯୁକ୍ତି ଓ ଠିକା ଶ୍ରମିକ ଉଚ୍ଛେଦ ଦାବିରେ ଧାରଣା

ଭୁବନେଶ୍ୱର, ୧୫ ।୩(ସମିସ): ସ୍ଥାୟୀ ନିଯୁକ୍ତି ଓ ଠିକା ଶ୍ରମିକ ଉଚ୍ଛେଦ ଦାବିରେ ଧାରଣା ଦେଇଛି ଡିଏଲ୍‌ଆର୍ କର୍ମଚାରୀ ସଂଘ । ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନଠାରେ ଏହି ଧାରଣା ଦିଆଯାଇଥିବାବେଳେ ସେମାନଙ୍କ ଦାବି ପୂରଣ କରାଯାଉ ବୋଲି ଦାବି କରାଯାଇଥିଲା । ଏହି ଅବସରରେ ଶତାଧିକ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ନିର୍ବାଚନ ପାଇଁ ପୁଲିସକୁ ୫ ପିସିଆର ଭ୍ୟାନ୍

ଭୁବନେଶ୍ୱର, ୧୫ ।୩(ସମିସ): ନିର୍ବାଚନକୁ ଆଖି ଆଗରେ ରଖି କମିସନରେଟ୍ ପୁଲିସକୁ ଆଉ ୫ଟି ପିସିଆର ଭ୍ୟାନ୍ ମିଳିଛି । ନାଲ୍‌କୋ ପକ୍ଷରୁ ଏହି ପିସିଆର ଭ୍ୟାନ୍‌ଗୁଡିକ ପ୍ରଦାନ କରାଯାଇଛି । ଅତ୍ୟାଧୁନିକ ଟେକ୍ନୋଲୋଜି ଥିବା ଏହି ଭ୍ୟାନ୍ ଦ୍ୱାରା ପୁଲିସର କ୍ଷମତା ବୃଦ୍ଧି ପାଇବ । ପୁଲିସ କମିସନର ସଞ୍ଜୀବ ପଣ୍ଡା, ଅତିରିକ୍ତ କମିସନର ଅବିନାଶ କୁମାର ଏବଂ ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର ଉପସ୍ଥିତ ରହି ନୂତନ ଗାଡିର ଶୁଭାରମ୍ଭ କରିଥିଲେ । ଏହି ଭ୍ୟାନ୍ ଦ୍ୱାର ପୁଲିସ ଅପରାଧ ନିୟନ୍ତ୍ରଣ କରିବା ସହ ସମସ୍ୟାରେ ପଡ଼ିଥିବା ଲୋକଙ୍କ ନିକଟରେ ଶୀଘ୍ର ପହଞ୍ଚି ତ୍ୱରିତ ନ୍ୟାୟ ଦେବ ।

# ସହର ବଢୁଛି; ରାଜସ୍ୱ କମୁଛି

### ଆର୍ଥିକବର୍ଷ ସରିବାକୁ ଆଉ ୧୫ଦିନ; ରାଜସ୍ୱ ଆଦାୟ ମାତ୍ର ୩୯ ପ୍ରତିଶତ

ଭୁବନେଶ୍ୱର, ୧୫ ।୩(ସମିସ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପାଇଁ ରାଜସ୍ୱ ଅଦାୟ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ବିଏମ୍‌ସି ବିଭିନ୍ନ ପ୍ରକଳ୍ପରେ ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛି । ହେଲେ ରାଜସ୍ୱ କିପରି ଅଧିକ ଆଦାୟ ହେବ ସେଥିପ୍ରତି ଆଦୌ ଧ୍ୟାନ ଦେଉ ନାହିଁ । ନିଜେ ପାଣ୍ଠି ଯୋଗାଡ କରିବା ଅପେକ୍ଷା, ରାଜ୍ୟ ସରକାରଙ୍କ ଉପରେ ଟଙ୍କା ପାଇଁ ଲଦି ହେବାକୁ ଅଧିକ ଆଗ୍ରହ ଦେଖାଉଛି । କାରଣ ଏଥିରେ କାମ କମ୍ କରିବାକୁ ପଡ଼ିବ । ଆଉ ଝାମେଲାରେ ମଧ୍ୟ ପଶିବାକୁ ପଡ଼ିବ ନାହିଁ । ଗତବର୍ଷ ରାଜସ୍ୱ ଆଦାୟ ଟାର୍ଗେଟ ଛୁଇଁ ପାରି ନ ଥିବା ବିଏମ୍‌ସି ଚଳିତବର୍ଷ ଏହାଠାରୁ ଆହୁରି ନୈରାଶ୍ୟଜନକ ସ୍ଥିତିରେ ରହିଛି । ସହର ବଢ଼ିବାରେ ଲାଗିଥିବାବେଳେ ରାଜସ୍ୱ କିନ୍ତୁ କମିବାରେ ଲାଗିଛି । ପ୍ରତିବର୍ଷ ନୂଆ ନୂଆ ଅଟାଳିକ, ବ୍ୟବସାୟିକ ପ୍ରତିଷ୍ଠାନ ବଢ଼ିବାରେ ଲାଗିଛି । ଏହି ହିସାବରେ ବିଏମ୍‌ସିର ହୋଲ୍ଡିଂ ଟିକସ ବଢ଼ିବା କଥା । କିନ୍ତୁ ତାହା କମୁଛି ।

> ■ ହୋଲ୍ଡିଂ ଟିକସ ଆଦାୟ ସ୍ଥିତି ନୈରାଶ୍ୟଜନକ
> ■ ଅଧିକାଂଶ ସ୍ଥାନରେ ପହଞ୍ଚି ପାରୁନାହାନ୍ତି ଅଧିକାରୀ

ଚଳିତବର୍ଷ ଆରମ୍ଭରୁ ମୋଟ୍ ରାଜସ୍ୱ ଆଦାୟ ୭୦୦ କୋଟି ଟପିଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଗଲା । ବର୍ଷ ମଝିରେ କୁହାଗଲା କାମ ଚାଲିଛି ଯଦିଓ ଟାର୍ଗେଟରେ ପହଞ୍ଚି ହେବ ନାହିଁ ତେବେ ପାଖାପାଖି ପହଞ୍ଚିଯିବୁ । ଏହାପରେ ପୁଣି କୁହାଗଲା ୭୦୦ କୋଟି ଟାର୍ଗେଟ ନୁହେଁ ସରକାରୀ ଟାର୍ଗେଟ ଅନୁଯାୟୀ ବିଏମ୍‌ସି କାମ କରିବ । ଏହି ଅନୁଯାୟୀ, ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଟାର୍ଗେଟ ରଖାଗଲା ୧୧୫ କୋଟି ୫୦ଲକ୍ଷ ଟଙ୍କା । ହେଲେ ବର୍ଷ ଶେଷ ଆଡକୁ କୁହାଗଲା ପୁରୁଣାବର୍ଷ ଠାରୁ କିଛିଟା ଅଧିକ ହେବ । ଯାହା ପାଖାପାଖି ୮୦ କୋଟି ବୋଲି କୁହାଯାଉଥିଲା । ହେଲେ ବାସ୍ତବରେ କିନ୍ତୁ ଗତ ୧୩ ତାରିଖ ସୁଦ୍ଧା ମାତ୍ର ୪୫କୋଟି ୫୯ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଯାହା ୧୧୫ କୋଟି ୫୦ ଲକ୍ଷର ମାତ୍ର ୩୯ ପ୍ରତିଶତ । ଏଭଳି ସ୍ଥିତି ଆସିଲେ ବିଏମ୍‌ସି ଆଗକୁ ବିଭିନ୍ନ ଅନୁଦାନ ହରାଇବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ କୁହାଯାଉଛି, ବେପରୁଆ ମନୋଭାବ ଯୋଗୁଁ ବିଏମ୍‌ସି ଏଭଳି ସ୍ଥିତରେ ପହଁଞ୍ଚିଛି । ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥା ନ କରି ତରବରିଆ ଭାବେ ବର୍ଦ୍ଧିତ ମୂଲ୍ୟରେ ବିଏମ୍‌ସି ଟ୍ୟାକ୍ସ ଆଦାୟ କଲା । ଯାହାଫଳରେ ମାତ୍ର କେଇ ଦିନ ମଧ୍ୟରେ ହାଇକୋର୍ଟ ଏଥିରେ ରହିତାଦେଶ ଲଗାଇଦେଲେ । ପୁଣି ପୂର୍ବ ଦରରେ ଟିକସ ଆଦାୟ ହେଲା । ଅଧିକାରୀଙ୍କ ମଧ୍ୟରେ ଟଣାଓଟରା ଏବଂ ବଡ ଅଧିକାରୀ ଅଧିକାଂଶ ୱାର୍ଡ ଅଫିସରଙ୍କୁ ଭିନ୍ନ ଉଦ୍ଦେଶ୍ୟ ରଖି ବର୍ଷେ ମଧ୍ୟରେ ଅଧିକାଂଶ ୱାର୍ଡ ଅଫିସରଙ୍କୁ ବଦଳି କରିଦେଲେ । ୱାର୍ଡ ବଦଳି ଯିବାରୁ ନୂଆ ୱାର୍ଡକୁ ବୁଝିବାକୁ ସେମାନଙ୍କୁ ୬ମାସ ଲାଗିଗଲା । ଯାହାଫଳରେ ଟିକସ ଆଦାୟ ମଧ୍ୟ ଧିମେଇ ଗଲା । ସେହିପରି ଟିକସ ଆଦାୟ କରୁଥିବା ୱାର୍ଡ ଅଫିସରଙ୍କୁ ୱାର୍ଡ ପ୍ରାୟ ସମସ୍ତ କାମ ଲଦି ଦିଆଗଲା । ନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ନିଲମ୍ବନ ଧମକ ବି ମିଳିଲା । ଏପରିସ୍ଥଳରେ ୱାର୍ଡ ଅଫିସର ଟିକସ କାମ ନ କରି ବାହାର କାମ କରିବାକୁ ପସନ୍ଦ କରୁଛନ୍ତି । ସେହିପରି ଯଦି କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ବିଏମ୍‌ସିରେ ଅନ୍‌ଲାଇନ୍ ଜରିଆରେ ନିଜକୁ ପଞ୍ଜୀକରଣ ନ କରୁଛି ତେବେ ସେଠାରେ ବିଏମ୍‌ସି ପହଞ୍ଚି ବି ପାରୁ ନ ଥିବା ଜଣାପଡ଼ିଛି । ତେଣୁ ସେମାନେ ଦୀର୍ଘ ଦିନ ହୋଲ୍ଡିଂ ଟିକସ ଦେଉ ନାହାନ୍ତି, ରାଜସ୍ୱ କମୁଛି ।

## ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଆୟକର ବିଭାଗର ଜେରା

ଭୁବନେଶ୍ୱର, ୧୫ ।୩ (ସମିସ)

> **ଆୟର ଉତ୍ସ, ନେଣଦେଣ ସମ୍ପର୍କରେ ପଚରାଉଚରା**

ପୁଣି ଅଡୁଆରେ ପଡ଼ିଛନ୍ତି ଅର୍ଚ୍ଚନା ନାଗ । ଅର୍ଚ୍ଚନା ଏବଂ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଉପରେ ଇଡି ପରେ ଆୟକର ବିଭାଗ (ଆଇ.ଟି)ର ନଜର ପଡ଼ିଛି । ଆୟର ଉତ୍ସ ଏବଂ ଆର୍ଥିକ



ନେଣଦେଣ ସମ୍ପର୍କରେ ପଚରାଉଚରା ପାଇଁ ଆଇ.ଟି ଦୁହିଁଙ୍କୁ ସମନ କରିଥିଲା । ଏହି ସମନ ଆଧାରରେ ଆଜି ଦିନ ୧୨ଟାରେ ଆଇ.ଟି ଅଫିସ୍‌ରେ ଏହି ଦମ୍ପତି ହାଜର ହୋଇଥିଲେ । ପାଖାପାଖି ୪ ଘଣ୍ଟା ଧରି ଉଭୟଙ୍କୁ ଜେରା କରିଥିଲେ ଆଇ.ଟି ଅଧିକାରୀମାନେ । ସେଠାରୁ ବାହାରିବା ପରେ ପ୍ରତିକ୍ରିୟାରେ ଅର୍ଚ୍ଚନା କହିଛନ୍ତି, ତାଙ୍କୁ ଆୟକର ବିଭାଗ ପକ୍ଷରୁ ଯାହା ତଥ୍ୟ ମଗାଯାଇଥିଲା, ତାହା ସେ ଦେଇଛନ୍ତି । ଇଡି ମନି-ଲଣ୍ଡରିଂ ମାମଲାରେ ତଦନ୍ତ କରି ଆଇ.ଟିକୁ ରିପୋର୍ଟ ଦେଇଥିଲା । ଏହି ରିପୋର୍ଟ ଆଧାରରେ ଅର୍ଚ୍ଚନାଙ୍କୁ ଆଇ.ଟି ପଚରାଉଚରା କରିଥିବା ଜଣାଯାଇଛି । ଠାବ ହୋଇଥିବା ଏତେ ଟଙ୍କା କେଉଁଠୁ ଆଣିଲ, ରୋଜଗାର କ'ଣ, ଆବଶ୍ୟକତାଠାରୁ ଏତେ ଟ୍ରାଞ୍ଜାକ୍‌ସନ କାହିଁକି କରିଛ; ଆଦି ଅନେକ ବିଷୟରେ ଦୁହିଁଙ୍କୁ ପଚରାଉଚରା କରାଯାଇଥିଲା । ପୂର୍ବରୁ ମଧ୍ୟ ଆଇ.ଟି ଉଭୟଙ୍କୁ ପଚରାଉଚରା କରିଥିଲା । ଆଜି ପୁଣି ତାଙ୍କୁ ଦ୍ୱିତୀୟଥର ପାଇଁ ଆଇଟି ଜେରା ପାଇଁ ସମନ କରିଥିଲା । ସୂଚନାଯୋଗ୍ୟ, ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ କରିବା ମାମଲାରେ ଅର୍ଚ୍ଚନା ନାଗ ଏବଂ ଜଗବନ୍ଧୁ ଚାନ୍ଦଙ୍କୁ ଖଣ୍ଡଗିରି ପୁଲିସ ଗିରଫ କରିଥିଲା । ଏଥିସହ ତାଙ୍କ ନାମରେ ମଧ୍ୟ ନୂଆପଲ୍ଲୀ ଥାନାରେ ମଧ୍ୟ ମାମଲା ହୋଇଥିଲା । ଉଭୟ ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ କରୁଥିବା ଜଣାପଡ଼ିବା ପରେ ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରି ତଦନ୍ତ କରିଥିଲା ।

## ଡ. ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରିବେ ସରକାର



ଭୁବନେଶ୍ୱର, ୧୫।୩(ସମିସ)

ନବ ଓଡ଼ିଶାର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କର ୧୨୫ତମ ଜନ୍ମ ଶତବାର୍ଷିକୀକୁ ରାଜ୍ୟ ସରକାର ପାଳନ କରିବେ । ଆସନ୍ତା ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଏଥିନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ଭବନଠାରେ ଏଥିନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଛି । ଡ. ମହତାବଙ୍କ ଜନ୍ମ ଶତବାର୍ଷିକୀ ପାଳନରେ ଅନେକ କାର୍ଯ୍ୟକ୍ରମ ଲାଗି ନିଷ୍ପତ୍ତି ହୋଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ପାର୍ଲାମେଣ୍ଟ ଏବଂ ଓଡ଼ିଶା ବିଧାନସଭାରେ ଥିବା ଡ. ମହତାବଙ୍କ ପ୍ରମୁଖ ବକ୍ତବ୍ୟ ଓ ପ୍ରସ୍ତାବଗୁଡ଼ିକୁ ଏକତ୍ର କରାଯାଇ ଏକ ସଂକଳନ ପ୍ରକାଶ କରାଯିବ । ମହତାବଙ୍କ ଜୀବନୀ ତଥା କୃତୀ ସମ୍ପର୍କିତ ସମ୍ମାନ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଡ. ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ । ତାଙ୍କ ଜନ୍ମପୀଠ ଭଦ୍ରକ ଜିଲ୍ଲା ଅଗରପଡ଼ା ଗ୍ରାମକୁ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରାଯାଇ ତାଙ୍କ ନାମରେ ପାଠାଗାର ଓ ପାର୍କ ପ୍ରତିଷ୍ଠା କରାଯିବ । ତାଙ୍କ ଜୀବନୀ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ହେବ । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ମହତାବଙ୍କ ଜୀବନ ସମ୍ପର୍କିତ ଆଲୋଚନା ତଥା ପ୍ରତିଯୋଗିତାମାନ କରାଯିବ । ନଭେମ୍ବର ୧୯, ୨୦ ଓ ୨୧ ତାରିଖ ତିନିଦିନ ଧରି ଉତ୍ସବ ହେବ ଏବଂ ସବୁ ଜିଲ୍ଲା ସଦର ମହକୁମାରେ ସ୍ୱତନ୍ତ୍ର ନୃତ୍ୟନାଟିକା ପରିବେଷଣ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହିତ ରାଜ୍ୟ ଅଭିଲେଖାଗାର, ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପକ୍ଷରୁ ଏହି କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବ ।

ବୈଠକରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଡ. ମହତାବ ମେମୋରିଆଲ ସେଣ୍ଟର ସଦସ୍ୟ ଉପେନ୍ଦ୍ର ପାଢ଼ୀ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

### ଅଦାଲତରେ ସଠିକ୍ ତଥ୍ୟ ଦାଖଲ ନକରିବାରୁ ଆବେଦନକାରୀଙ୍କୁ ଜାମିନ ନମିଳିବା ପ୍ରସଙ୍ଗ

## ଆଇଆଇସିଙ୍କ କାର୍ଯ୍ୟ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ, ୧୫ ।୩(ସମିସ)

ଜାମିନରେ ଛାଡ଼ ପାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଆବେଦନକାରୀଙ୍କୁ ଜେଲରେ ରହିବାକୁ ପଡ଼ିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏକ ପୁରୁଣା ମାମଲା ସଂକ୍ରାନ୍ତରେ ଭୁବନେଶ୍ୱର ଭରତପୁର ଥାନା ଆଇଆଇସି ନିମ୍ନ ଅଦାଲତରେ ସଠିକ ତଥ୍ୟ ଦାଖଲ ନକରିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଭଳି ଆଚରଣ କେବେ ବି ଗ୍ରହଣୀୟ ନୁହେଁ ଓ ଏଥି ପାଇଁ ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଅକ୍ଷୟ କୁମାର ନାଥଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । ଏଥି ଏଥିସହିତ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ ୨୦୨୩ରେ ନିଶା କାରବାର ସମ୍ପର୍କିତ ରୁଜୁ ଏକ ମାମଲାରେ ଆବେଦନକାରୀ ଗିରଫ ହୋଇଥିଲେ । ୨୦୨୩, ଡିସେମ୍ବର ୧୮ ରେ ହାଇକୋର୍ଟ ଆବେଦନକାରୀଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବାକୁ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲା ବ୍ୟତିରେକ ଯଦି ଅନ୍ୟ ଅପରାଧିକ ମାମଲା ଆବେଦନକାରୀଙ୍କ ବିରୋଧରେ ଥାଏ ତେବେ ଜାମିନ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ କହିଥିଲେ । ଭରତପୁର ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀଙ୍କ ତରଫରୁ ନିମ୍ନ ଅଦାଲତରେ ଦର୍ଶାଯାଇଥିଲା ଯେ ଆବେଦନକାରୀଙ୍କ ବିରୋଧରେ ଅନ୍ୟ ଏକ ଅପରାଧିକ ମାମଲା ରହିଛି । ଏଥିପାଇଁ ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍ ଆବେଦନକାରୀଙ୍କ ଜାମିନ ଆବେଦନକୁ ୨୦୨୩, ଡିସେମ୍ବର ୨୬ରେ ଖାରଜ କରିଥିଲେ । ଏହି ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଭରତପୁର ଥାନା ମାମଲା ବ୍ୟତୀତ ଆବେଦନକାରୀଙ୍କ ବିରୋଧରେ କିଛି ଫୌଜଦାରୀ ମାମଲା ନଥିବା ଆଇଆଇସି ଦାଖଲ କରିଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା । ଏଣୁ ଅଦାଲତ ଏହି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି ।

## ପୁଲିସ ୱେବ୍‌ସାଇଟରେ ଏନ୍‌ବିଡବ୍ଲ୍ୟୁ ତାଲିକା

ଭୁବନେଶ୍ୱର, ୧୫।୩(ସମିସ): ପୁଲିସ ୱେବ୍‌ସାଇଟ୍‌ରେ ଜାମିନ ବିହୀନ ଗିରଫ ପରୱାନା(ଏନବିଡବ୍ଲ୍ୟୁ) ଥିବା ବ୍ୟକ୍ତିଙ୍କ ନାମ ପ୍ରକାଶ କରାଯାଇଛି । ଭୁବନେଶ୍ୱରରେ ୨, ୯୩୪ ବ୍ୟକ୍ତିଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଥିବାବେଳେ କଟକରେ ୧୧୮୫ ଜଣଙ୍କ ନାମ ରହିଛି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ଏହି ତାଲିକା ପ୍ରକାଶ କରିଛି । ମାମଲାର ସବିଶେଷ ତଥ୍ୟ ସମ୍ପୃକ୍ତ ଥାନାରେ ମିଳିପାରିବ ବୋଲି ସ୍ପଷ୍ଟ କରାଯାଇଛି । ଯେଉଁମାନଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ରହିଛି, ସେମାନେ ଥାନାରୁ ତଥ୍ୟ ନେଇ ଜାମିନ ହୋଇ ପାରିବେ । ଯେଉଁମାନେ ଏହାକୁ ଉପେକ୍ଷା କରିବେ ସେମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପୁଲିସ ଆୟୁକ୍ତ ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ ପରଲୋକ



ଭୁବନେଶ୍ୱର, ୧୫ ।୩(ସମିସ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମଲ୍ଲିକ(୬୦)ଙ୍କର ଶୁକ୍ରବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସକାଳେ ସେ ପାର୍କରେ ବ୍ୟାୟାମ କରିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ । ତାଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ପ୍ରଚାରିତ ହେବା ପରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ ସାମଲ ଓ ତାଙ୍କ ସହକର୍ମୀମାନେ ହସ୍ପିଟାଲ୍‌ରେ ପହଞ୍ଚିଥିଲେ । ମୃତ ଶରୀରକୁ ସରକାରୀ ବାସଭବନକୁ ଅଣାଯାଇଥିଲା । ସେଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଲେନିନ୍ ମହାନ୍ତିଙ୍କ ସମେତ ତାଙ୍କ ଆତ୍ମୀୟ ସ୍ୱଜନମାନେ ଶେଷ ଦର୍ଶନ କରିଥିଲେ । ଅପରାହ୍ଣରେ ମୃତଦେହକୁ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ଶତାଧିକ କର୍ମଚାରୀ, ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ । ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ନିର୍ଦ୍ଦେଶକ ଶ୍ରୀ ସାମଲ, ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର ସିଂ, ବିଶ୍ୱଜିତ ଦାଶଙ୍କ ସମେତ ସମସ୍ତ ଉପନିର୍ଦ୍ଦେଶକ, ଅଧିକାରୀ ଓ କର୍ମଚାରୀବୃନ୍ଦ ମାଲ୍ୟାର୍ପଣ କରିଥିଲେ ।

ଶ୍ରୀ ମଲ୍ଲିକ ୧୯୯୪ ମସିହାରେ ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ । ଧର୍ମଗଡ଼ରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ପରେ ଜୟପୁର, କୋରାପୁଟରେ ଦାୟିତ୍ୱ ନିର୍ବାହ କରିଥିଲେ । ଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶାଳୟରେ ଯୋଗଦେଇ ସୂଚନା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ପ୍ରକାଶନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଲୋକସମ୍ପର୍କ ଅଧିକାରୀ ଭାବେ ସେ କାର୍ଯ୍ୟରତ ଥିଲେ । ଶ୍ରୀ ମଲ୍ଲିକ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ଥିଲେ । ବିଭାଗର କାର୍ଯ୍ୟରେ ସେ ଯଥେଷ୍ଟ ଶୃଙ୍ଖଳା ଓ ନିଷ୍ଠାପରତା ପ୍ରଦର୍ଶନ କରିଆସୁଥିଲେ । ଆଜି ସନ୍ଧ୍ୟାରେ ତାଙ୍କ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲା କହନା ଗ୍ରାମରେ ଅନ୍ତ୍ୟେଷ୍ଟିକ୍ରିୟା ହେଉଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ତାଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରିଛନ୍ତି ।

## ହଳଦିଆ ନମ୍ବର ପ୍ଲେଟ୍‌କୁ ସର୍ତ୍ତମୂଳକ ଭାବେ ବଦଳାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୧୫ ।୩(ସମିସ)

ଭୁବନେଶ୍ୱରରେ ଧଳା ନମ୍ବର ପ୍ଲେଟ୍ ଥିବା ବାଇକ୍ ଟ୍ୟାକ୍ସିକୁ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ କରିବାକୁ ଦାବି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛି ଅଲ୍ ଓଡ଼ିଶା ଅନଲାଇନ୍ ବାଇକ୍ ଆସୋସିଏସନ୍ (ଅଖିଳ ଓଡ଼ିଶା ଅନଲାଇନ୍ ବାଇକ୍ ସଂଘ) । ନିକଟରେ ଭୁବନେଶ୍ୱରରେ ଧଳା ନମ୍ବର ପ୍ଲେଟ୍ ବାଇକ୍ ଟ୍ୟାକ୍ସି ଉପରେ କଟକଣା ଲାଗିବା ପରେ ପ୍ରମୁଖ ବାଇକ୍ ଟ୍ୟାକ୍ସି ଅପରେଟର ଉବର ଓ ଓଲା କେବଳ ହଳଦିଆ ନମ୍ବର ପ୍ଲେଟ୍ ବାଇକ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ସହ ନିଜର କାରବାର ସୀମିତ ରଖିଛନ୍ତି । ଏଗ୍ରିଗେଟରମାନେ ଉଭୟ ଚାଳକ ଓ ଡ୍ରାଇଭରଙ୍କ ସହ ଇମେଲ୍ ଏବଂ ଇନ୍-ଆପ୍ ମେସେଜ୍ ସେୟାର କରି ନିଷ୍ପତ୍ତି ବିଷୟରେ ଅବଗତ କରାଇବା ସହ ଡ୍ରାଇଭରମାନଙ୍କୁ ହଳଦିଆ ନମ୍ବର ପ୍ଲେଟ୍‌ରେ ପରିବର୍ତ୍ତନ କରି ପୁନର୍ବାର ଫ୍ଲିଟ୍‌ରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି । ଚିଠିରେ ବାଇକ୍ ଟ୍ୟାକ୍ସି ଚାଳକମାନେ ଅଭିଯୋଗ କରିଛନ୍ତି ଯେ ହଠାତ୍ ରାଇଡ୍ ହେଲିଂ ଏଗ୍ରିଗେଟର୍ ଉବର୍ ଏବଂ ଓଲା ସେମାନଙ୍କ ପ୍ଲାଟଫର୍ମରେ ଧଳା ନମ୍ବର ପ୍ଲେଟ୍ ବାଇକ୍‌କୁ ଅନୁମତି ଦେବା ବନ୍ଦ କରିବା ନିଷ୍ପତ୍ତି ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଡ୍ରାଇଭରମାନେ କହୁଛନ୍ତି ଯେ ସେମାନେ 'ସାଧାରଣ ପୃଷ୍ଠଭୂମିରୁ' ଆସିଛନ୍ତି ଏବଂ ନମ୍ବର ପ୍ଲେଟ୍ ପରିବର୍ତ୍ତନ ପାଇଁ ଏହି ସର୍ତ୍ତ ସେମାନଙ୍କ ପାଇଁ ବାଣିଜ୍ୟିକ ନମ୍ବର ପ୍ଲେଟ୍ ହାସଲ କରିବା ଏବଂ ପୁନର୍ବାର ଡ୍ରାଇଭିଂ ଆରମ୍ଭ କରିବା କଷ୍ଟକର କରୁଛି । ଆମେ ଆଇନ ପାଳନ କରିବାକୁ ଚାହୁଁଛୁ ଏବଂ ଆମର ବାଇକଗୁଡ଼ିକୁ ହଳଦିଆ ପ୍ଲେଟ୍‌ରେ ପରିଣତ କରିବାକୁ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ରଖିଛୁ, କିନ୍ତୁ ମୁଖ୍ୟ ଚିନ୍ତା ହେଉଛି ଚାଲାଣ ଏବଂ ବ୍ୟାଙ୍କଗୁଡ଼ିକର ନୋ-ଡ୍ୟୁ ସାର୍ଟିଫିକେଟ୍‌ର ଆବଶ୍ୟକତା । ଏଥିସହ ଆମେ ଆପଣଙ୍କୁ ହଳଦିଆ ପ୍ଲେଟ୍ ରୂପାନ୍ତରଣ ପ୍ରକ୍ରିୟା ସମୟରେ



ହେଉଥିବା ପରମିଟ୍ ଏବଂ ଫିଟନେସ୍ ଶୁଳ୍କ ହ୍ରାସ କରିବାକୁ ଅନୁରୋଧ କରୁଛୁ । ଏହି ସମୟ ମଧ୍ୟରେ ଗାଡ଼ି ଚଳାଇବାକୁ ଅନୁମତି ଦେବା ସହିତ ଚାଳକମାନେ ସେମାନଙ୍କ ବାଇକକୁ ବାଣିଜ୍ୟିକ ଯାନରେ ପରିଣତ କରିବାକୁ ଅନୁମତି ଦେବା ପାଇଁ ଚିଠିରେ ଅନୁରୋଧ କରାଯାଇଛି । ଡ୍ରାଇଭର ସଂଘ ପକ୍ଷରୁ ଗତ ମାସରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ । ସହରରେ ଉବର ଓ ଓଲା ପାଇଁ ଧଳା ନମ୍ବର ପ୍ଲେଟ ବାଇକ୍ ଟ୍ୟାକ୍ସି ଚଳାଚଳ ବନ୍ଦ ରହିଥିବାରୁ ଭୁବନେଶ୍ୱରରେ ଆନୁମାନିକ ୧୦ ହଜାରରୁ ଅଧିକ ବାଇକ ଟ୍ୟାକ୍ସି ଚାଳକଙ୍କ ଜୀବିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

